# ହରିବୋଲ କ୍ଷେତ୍ରରୁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା

- ୩ ରଥରେ ଛେରାପହଁରା କଲେ ଜିଲାପାଳ
- ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା

ତିହିଡ଼ି,୭।୭(ସଞ୍ଜିତ ବଳ)

ପବିତ୍ର ରଥଯାତ୍ରା ଅବସରରେ ତିହିଡ଼ି ବ୍ଲକର ଗୁଆମାଳ ପଞ୍ଚାୟତ ମୋଡ଼ସାହି ଗ୍ରାମସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରକୁ ତିନିଠାକୁର ଯାତ୍ରା କରିଛନ୍ତି। କେଶପୁରସ୍ଥିତ ହରିବୋଲ କ୍ଷେତ୍ରରୁ ଶ୍ରୀଜୀଉମାନଙ୍କୁ ତିନୋଟି ସୁସଜ୍ଜିତ ରଥରେ ଶ୍ରଦ୍ଧାଳୁମାନେ ନେଇ ମାଉସୀମା' ମନ୍ଦିରରେ ପହଞ୍ଚାଇଛନ୍ତି। ଘଣ୍ଟ ବାଦ୍ୟ, ହୁଳହୁଳି ସହ ଭକ୍ତମାନଙ୍କ ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନିରେ ହରିବୋଲ କ୍ଷେତ୍ର ଉଚ୍ଛୁଳି ଉଠିବା ସହ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା।

ରବିବାର ସକାଳେ ମନ୍ଦିରରେ ଦ୍ୱାରପାଳ ପୂଜା ପରେ ରଥ ସଂସ୍କାର ଓ ଧ୍ୱଜାରୋପଣ କରାଯାଇଥିଲା।


ହରିବୋଲ କ୍ଷେତ୍ରରେ ସୁସଜ୍ଜିତ ରଥ।

ରଥରେ ଆଜ୍ଞାମାଳ ଲାଗି ହେବା ପରେ ମହାପ୍ରଭୁଙ୍କ ସ୍ନାନ, ପୂଜନ ଓ ନୈବେଦ୍ୟ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ନେତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ୧୨ଟା ପରେ ପ୍ରଥମେ ମହାସୁଦର୍ଶନ ଓ ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ପହଣ୍ଡି କରାଯାଇ ଶ୍ରୀଜୀଉମାନଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୧ଟାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ୩ ରଥରେ ଛେରାପହଁରା କରିଥିଲେ। ଜିଲାପାଳଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ମନ୍ଦିର ନିକଟକୁ ନିଆଯାଇଥିଲା। ପରେ ସେ ରଥ ନିକଟକୁ ଯାଇ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ମୁଖ୍ୟ ପୂଜକ ଜଗନ୍ନାଥ ପଣ୍ଡା ଓ କଳ୍ପତରୁ ଉଦ୍‌ଗାତା ଏଥିରେ ଜିଲାପାଳଙ୍କୁ ସହାୟତା କରିଥିଲେ। ପ୍ରଥମେ ବଳଭଦ୍ରଙ୍କ ରଥ ଟଣାଯିବା ପରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ଶେଷରେ ଶ୍ରୀଜଗନ୍ନାଥଙ୍କ ରଥ ଟଣାଯାଇ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା।

ରଥଯାତ୍ରା ପରିଚାଳନା କମିଟିର ସଭାପତି ନଗେନ୍ଦ୍ର ପ୍ରସାଦ ଦାଶ, ସମ୍ପାଦକ ପତିତପାବନ ପଣ୍ଡା, ଶ୍ରୀଧର ପୁହାଣ, ସନ୍ତୋଷ ନାୟକ, ସଞ୍ଜୟ ସାହୁ, ମହେନ୍ଦ୍ର ମୁଦୁଲି, ସରୋଜ ପଣ୍ଡା, ରବୀନ୍ଦ୍ରନାଥ ସାହୁ, ଅମର ବେହେରା ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ରବିନାରାୟଣ ସାମଲ, ସନାତନ ଜେନା, ଅତୁଲ୍ୟ ଜେନା, ସନ୍ତୋଷ ସାମଲ, ଭରତ ଚନ୍ଦ୍ର ସାହୁ, ଦୀପ୍ତିକାନ୍ତ ଖୁଣ୍ଟିଆ, ମନୋରଞ୍ଜନ ଖୁଣ୍ଟିଆ, ଦିଲୀପ ଖୁଣ୍ଟିଆ, ସୋମନାଥ ପୃଷ୍ଟି, ପ୍ରିୟରଞ୍ଜନ ବେହେରା, ରାଜକିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶ୍ରୀଜଗନ୍ନାଥ ପ୍ରଚାର ସମିତିର କର୍ମକର୍ତ୍ତା ଧାରା ବିବରଣୀ ପ୍ରଦାନ କରିଥିଲେ।

# ଆନନ୍ଦପୁରରେ ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା


ଆନନ୍ଦପୁରଠାରେ ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଧାମନଗର,୭।୭ (ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଧାମନଗର, ଗୋହିରାଟିକିରି, ଆନନ୍ଦପୁରସ୍ଥିତ ଜଗନ୍ନାଥ ମନ୍ଦିର, ଦୋବଲ ବଜାର, କୋଳେଇପଦା, ସୋଧ, ଚୁଡାକୁଟି, ଗୋବିନ୍ଦପୁର, ରାଧାବଲ୍ଲଭପୁର, ଗୁହାଳିଆ, ଇଚ୍ଛଦା ଆଦି ସ୍ଥାନରେ ରଥଟଣା ହୋଇଛି। ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପୂଜାର୍ଚ୍ଚନା ପରେ ପହଣ୍ଡିରେ ତିନି ଦିଅଁଙ୍କୁ ରଥାରୂଢ଼ କରାଯାଇଥିଲା। ରଥରେ ତିନିଠାକୁରଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣି ଗୁଣ୍ଡିଚା ମନ୍ଦିରକୁ ନେଇଥିଲେ। ଆନନ୍ଦପୁରରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ସେଠାରେ ବହୁ ସଂଖ୍ୟକ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ରଥଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ଥିଲା।

# ଆଗରପଡ଼ାରେ ଘୋଷଯାତ୍ରା

ଆଗରପଡ଼ା,୭।୭(ସୁଶାନ୍ତ ଦାଶ)

ଆଗରପଡ଼ାରେ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ଆଗରପଡ଼ା ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରଭୁ ଭାଇଭଉଣୀଙ୍କ ସହ ପହଣ୍ଡି ବିଜେ ହୋଇ ରଥରେ ବିରାଜମାନ କରିଥିଲେ। ମନ୍ଦିର ଦାୟିତ୍ୱରେ ଥିବା ଜଗତ ମୋହନ ସିଂହ ଛେରାପହଁରା କରିବା ପରେ ହଜାର ହଜାର ଭକ୍ତଙ୍କ ଗହଣରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥ ଟାଣି ନେଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ। ରାସ୍ତାରେ ଜଗନ୍ନାଥ ପ୍ରେମୀମାନେ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟ ବଣ୍ଟନ କରିଥିଲେ। ତପନ କୁମାର ସିଂହ, ପରେଶ କୁମାର ନାୟକ, ଚିନ୍ମୟ କୁମାର ସିଂହ, ଅଶୋକ କୁମାର ପରିଡ଼ା ପ୍ରମୁଖ ରଥଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଗରପଡ଼ା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।


ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

# ରଥ ଉପରେ ଦର୍ଶନ ଦେଲେ ତିନିଠାକୁର


ଭଦ୍ରକ ସାଳନ୍ଦୀ ବାଇପାସ୍‌ରେ ରଥଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼।

ଭଦ୍ରକ,୭।୭(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ରବିବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥ ଉପରେ ତିନିଠାକୁର ଶ୍ରୀଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଭଦ୍ରକ ପୌରାଞ୍ଚଳର ସାଳନ୍ଦୀ ବାଇପାସ୍ ଜଗନ୍ନାଥ ମନ୍ଦିର, ଭଦ୍ରକ ସହରର କୁଆଁସ, ସନ୍ଥିଆ, ନୂଆବଜାର, ଗରଦପୁର ଓ ଆଗରପଡ଼ା ଅଞ୍ଚଳରେ ଛୋଟବଡ଼ ରଥଟଣା ଯାଇଥିଲା। ବାଇପାସ୍‌ଠାରେ ସକାଳେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା କରାଯାଇଥିଲା। ପରେ ରଥ ସଂସ୍କାର ଓ ଧ୍ୱଜାରୋପଣ କରାଯାଇ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ କରାଯାଇଥିଲା। ଶ୍ରୀଜୀଉମାନଙ୍କ ସ୍ନାନ ଓ ପୂଜନ କରାଯାଇଥିଲା। ମହାସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ସାଳନ୍ଦୀ କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ଦୁର୍ଗାପ୍ରସନ୍ନ ତ୍ରିପାଠୀ ଠାକୁର ରାଜା ଭାବେ ଛେରାପହଁରା କରିବା ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। କୀର୍ତ୍ତନ ଦଳ, ଘଣ୍ଟ, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ବାଇପାସ୍ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କେଦାରନାଥ ଭାଟାଚାର୍ଯ୍ୟ, ପୀତବାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏବଂ ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲେ। ସେହିପରି ରାନ୍ଦିଆରେ ୩ଟି ରଥରେ ତିନିଠାକୁରଙ୍କୁ ମାଉସୀମା' ମନ୍ଦିରକୁ ନିଆଯାଇଛି। ଜିଲାର ବିଭିନ୍ନ ରାସ୍ତାରେ ପିଲାମାନେ କୁନି କୁନି ରଥ ରଖି ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ପାଦୁକା ଓ ଭୋଗ ଦେଉଥିବା ଦେଖାଯାଇଥିଲା।

# ଉତ୍ସବମୁଖର ବାସୁଦେବପୁର

ବାସୁଦେବପୁର,୭।୭ (ନାରାୟଣ ପ୍ରସାଦ ବାରିକ୍)

ରଥଯାତ୍ରା ପାଇଁ ବାସୁଦେବପୁର ଅଞ୍ଚଳ ଉତ୍ସବମୁଖର ହୋଇଛି। ବାସୁଦେବପୁରର ଆରାଧ୍ୟ ଦେବତା ପ୍ରସନ୍ନଦେବଙ୍କ ମନ୍ଦିର, ଏଡ଼ତାଳ ଜଗନ୍ନାଥ ମନ୍ଦିର, ବେତଡ଼ାସ୍ଥିତ ଚନ୍ଦନପୁର ଜଗନ୍ନାଥ ମନ୍ଦିର, ବରଣ୍ଡୁଆ, ପାଟଣା ମିଶ୍ରପୁର, କରଞ୍ଜଆଡ଼ିଆ ଓ ଆର୍ତ୍ତୁଂସ୍ଥିତ ଜଗନ୍ନାଥ ମନ୍ଦିର, ଗୁଡ଼ ବଳଦେବ ମନ୍ଦିର, ମୋହନପୁରସ୍ଥିତ ଜଗନ୍ନାଥ ମନ୍ଦିର, ପୌରପାଳିକା କଳ୍ପତରୁ ସେବାଶ୍ରମରେ ଥିବା ଜଗନ୍ନାଥ ମନ୍ଦିର, ଗୋପାଳପୁରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର ସମେତ ବିଭିନ୍ନ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ବିଧି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ ପରେ ରଥାରୂଢ଼ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ମାଉସୀମା' ମନ୍ଦିର ଅଭିମୁଖେ ନେଇଥିଲେ।

# ଭଦ୍ରକାଳୀ ପୀଠରେ ରଥଯାତ୍ରା


ରଥାରୂଢ଼ ତିନିଠାକୁରଙ୍କ ପାଖରେ ପୂଜାର୍ଚ୍ଚନା ଚାଲିଛି।

ଭଦ୍ରକ,୭।୭(ରବିନାରାୟଣ ଖିଲାର)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ପାର୍ଶ୍ୱଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣା ହୋଇଛି। ସକାଳ ୬ଟାରେ ମଙ୍ଗଳ ଆଳତି ସରିବା ପରେ ସ୍ନାନ, ଧୂପଦୀପ, ଭୋଗ ଆଦି ରୀତିନୀତି ହୋଇଥିଲା। ତିନିଠାକୁରଙ୍କ ପହଣ୍ଡି ବିଜେ ପରେ ସେବାୟତମାନେ ଠାକୁରଙ୍କୁ ରଥାରୂଢ଼ କରାଇଥିଲେ। ଭୂୟାଁ ରାଜାଙ୍କ ବଂଶଧର ରାଜା ପ୍ରଦୀପ ରାୟଙ୍କ ଦ୍ୱାରା ରଥରେ ଛେରାପହଁରା କରାଯାଇଥିଲା। ଭକ୍ତମାନେ ହରିବୋଲ ଧ୍ୱନି ଓ କୀର୍ତ୍ତନ ସହ ରଥରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ମୁଖ୍ୟ ଗୋସାଇଁଙ୍କ ଦ୍ୱାରା ରଥରେ କଳସ ପୂଜା ସହ ରଥ ପ୍ରତିଷ୍ଠା ହୋଇଥିଲା। ଭକ୍ତମାନେ ରଥ ଟାଣି ଟାଣି ନେଇ ତିନିଠାକୁରଙ୍କୁ ମାଉସୀମା' ମନ୍ଦିରରେ ପହଞ୍ଚାଇଥିଲେ।

# ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ବୈଠକ

ଧାମନଗର,୭।୭(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକର ଦୋବଲ ହାଇସ୍କୁଲ ପରିସରରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ବ୍ଲକସ୍ତରୀୟ ଅଷ୍ଟମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପାଠାଗାର ଓ ଡିଜିଟାଲ ପାଠାଗାରଗୁଡ଼ିକ ସକ୍ରିୟ ସହ ମାସିକ ଶିକ୍ଷା ଯୋଜନା। ଚଳିତ ଶିକ୍ଷାବର୍ଷ ପାଇଁ ପାଠ୍ୟକ୍ରମ ଏବଂ ଗଣିତ ଦକ୍ଷତା ବୃଦ୍ଧି ପଦକ୍ଷେପ ସହ ମାଧ୍ୟମିକ ଶିକ୍ଷକଙ୍କ ଲାଗି ମାସିକ ଶିକ୍ଷଣ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏବିଇଓ ଭୀମସେନ ହୋ, ସତ୍ୟସୁନ୍ଦର ପରିଡ଼ା, ପ୍ରଧାନଶିକ୍ଷକ ବିଜୟ ମିଶ୍ର, ଅଭିଷେକ ମହାପାତ୍ର, ସତ୍ୟପ୍ରିୟ ପାଣିଗ୍ରାହୀ, ରମଣୀ ରଞ୍ଜନ ରାଉତ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ର ଅତିଥି ପରିଚୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବନାନୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ରଥଟଣା

ଭଣ୍ଡାରିପୋଖରୀ,୭।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ଘୋଷଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟ ମହାପାତ୍ର ଛେରାପହଁରା କରିଥିଲେ। ଘଣ୍ଟ, ଘଣ୍ଟା, ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳି, ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ପହଣ୍ଡି ବିଜେ କରାଯାଇ ଶ୍ରୀଜୀଉଙ୍କୁ ରଥ ଉପରକୁ ନିଆଯାଇଥିଲା। ଅଧିକାରୀ ପ୍ରଫୁଲ୍ଲ ଦାସ, ଫକୀର ଚରଣ ଧଳ, ପୂଜକ ଗଦାଧର ମିଶ୍ର, ରଘୁନାଥ ପଣ୍ଡା ପ୍ରମୁଖ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସରପଞ୍ଚ ସୁଜାତା ସାହୁ, ସୁଶାନ୍ତ ମଲ୍ଲିକଙ୍କ ସହ ଗ୍ରାମବାସୀ ପରିଚାଳନା କରିଥିଲେ। ସେହିପରି କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ନାଆଁମୀ ପଞ୍ଚାୟତର ସୋଲାପୁର ଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହଁରା କରିଥିଲେ। ବୟାବନାପୁର ଜଗନ୍ନାଥ ମନ୍ଦିରରେ ଭରତ ଚନ୍ଦ୍ର ମହାଲିକଙ୍କ ସହ ଗ୍ରାମବାସୀ ବିଧିମତେ ରଥଯାତ୍ରା ସମ୍ପାଦନା କରିଥିଲେ। ଏକବୋଲା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେସିଙ୍ଗା ପଞ୍ଚାୟତର ବନସ୍ତା, କୁରିଗାଁ, ଝୁଟଣା, ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ରଥଟଣା ହୋଇଛି।

# ବୃକ୍ଷର ଯତ୍ନ ନେବାକୁ ସଚେତନତା

ବାସୁଦେବପୁର,୭।୭(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ କରାଯାଇଛି। ବାସୁଦେବପୁର ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା, ଫରେଷ୍ଟର ସୁଶୀଲ କୁମାର ସିଂ, ଶିକ୍ଷୟିତ୍ରୀ ମିନତି ପଣ୍ଡା, ଆରତି ଧର, ଦୟାନିଧି ପଲେଇ, ଭାନୁମତି ଶଙ୍ଖୁଆ, ରାଜେଶ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଗଛ ଲଗାଯାଇଥିଲା। ବୃକ୍ଷଗୁଡ଼ିକର ଯତ୍ନ ନେବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ପ୍ରତ୍ୟେକ ବ୍ୟକ୍ତି ନିଜ ବାଡ଼ି ବଗିଚାରେ ଗୋଟିଏ ଲେଖାଏ ଚାରାରୋପଣ କରି ଯତ୍ନ ନେବାକୁ ଆହ୍ୱାନ ଦିଆଯାଇଥିଲା।


ବନ ମହୋତ୍ସବ ପାଳନ ଅବସରରେ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କରାଯାଉଛି।

# ଆଷାଢ଼ରେ ଜମି ପଡ଼ିଆ

- ଅନିୟମିତ ବର୍ଷା ଯୋଗୁ ଚାଷ କାମ ବିଳମ୍ବ
- ଅମଳ ବାଧାପ୍ରାପ୍ତ ଆଶଙ୍କାରେ ଚାଷୀ ହତୋତ୍ସାହିତ

ଅସୁରାଳି,୭।୭(ସନ୍ତୋଷ ପ୍ରଧାନ)

ଆଷାଢ଼ ମାସ ଅଧାରେ ପାଣିପାଗର ଅସମତା, ବର୍ଷାର ସ୍ୱଳ୍ପତା ଓ ଅନିୟମିତତା କାରଣରୁ ଚାଷଜମି ପଡ଼ିଆ ପଡ଼ିଛି। ଖରିଫ ଚାଷରେ ଅହେତୁକ ବିଳମ୍ବ ଯୋଗୁ ଚଳିତବର୍ଷ ଅମଳ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଧାମନଗର ବ୍ଲକରେ ଚଳିତ ଖରିଫ ଋତୁରେ ୧୬ ହଜାର ହେକ୍ଟର ଜମିରେ ଧାନଚାଷ ହେବାର ଲକ୍ଷ୍ୟ ରଖାଯାଇଛି। ପାଣି ଅଭାବରୁ ଜମି ହଳ ହୋଇ ପ୍ରସ୍ତୁତ ହୋଇପାରୁ ନାହିଁ। ଧାନ ରୋଇବା ଅପେକ୍ଷାରେ ଥିବା ଚାଷୀମାନେ ହତୋତ୍ସାହିତ ହୋଇ ପଡ଼ିଛନ୍ତି। ପାଣି ସମସ୍ୟା ସହ ବିହନ ସମସ୍ୟା ମଧ୍ୟ ଦେଖାଦେଇଛି।

ଏହି ବ୍ଲକରେ ପାଖାପାଖି ୨ ହଜାର ହେକ୍ଟର ଜମିରେ ଧାନ ତଳି ପଡ଼ିଥାଏ।


ଏକ ଚାଷଜମିରେ ଗୋରୁ ଚରୁଛନ୍ତି।

ବ୍ଲକର ଅଧିକାଂଶ ଅଞ୍ଚଳ ଅଣଜଳସେଚିତ ହୋଇଥିବାରୁ ଚାଷୀମାନେ ମୁଖ୍ୟତଃ ନଦୀ, ଚୁଆ ଓ ବର୍ଷା ଜଳ ଉପରେ ନିର୍ଭର କରନ୍ତି। ତଳୁଆ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଯୋଗୁ ଧାନ ଫସଲ ଧୋଇଯାଏ। ସେଥିପାଇଁ ସେହିସବୁ ଅଞ୍ଚଳରେ ୨/୩ ଥର ତଳି ରୋଇବାକୁ ପଡ଼ିଥାଏ। ବିହନ ମିଳିବାରେ ବିଳମ୍ବ ହେତୁ ଲୋକେ ଆଛରା ତଳି ପକାଇବାକୁ ବାଧ୍ୟ ହୋଇଥାନ୍ତି। ଏବେ ସୁଦ୍ଧା ଅନିୟମିତ ବର୍ଷା କାରଣରୁ ଚାଷୀ ଘରୁ ବିହନ ମୁଠାଏ କାଢ଼ି ପାରୁନାହାନ୍ତି। କେନାଲ ସୁବିଧା ଥିବା ଅଞ୍ଚଳରେ ମଧ୍ୟ ଉପଯୁକ୍ତ ସମୟରେ ଠିକ୍ ଭାବେ ଜଳ ପରିଚାଳନା ହେଉନାହିଁ। ସରକାରୀ ସବ୍‌ସିଡି ବିହନ ପାଇବାକୁ ପଞ୍ଜୀକରଣ କରିଥିବା ଚାଷୀମାନେ ଅଦ୍ୟାବଧି ଡିଲରମାନଙ୍କଠାରୁ ବିହନ ପାଇପାରି ନାହାନ୍ତି। ଉପଯୁକ୍ତ ବିହନ ଯୋଗାଇ ଦିଆଯିବା ସହ ବିଭିନ୍ନ କେନାଲରେ ଥିବା ଅବ୍ୟବସ୍ଥା, ତ୍ରୁଟିକୁ ସମୟ ପୂର୍ବରୁ ସଜାଡ଼ିବାକୁ ଚାଷୀମାନେ ଦାବି କରିଛନ୍ତି।

ବ୍ଲକରେ ପ୍ରବାହିତ ରେବ, କପାଳୀ, ଗେଙ୍ଗୁଟି, ବୈତରଣୀ ଓ ଶାଖା ନଦୀଗୁଡ଼ିକର ନଦୀବନ୍ଧ ଅନେକ ସ୍ଥାନରେ ଦୁର୍ବଳ ରହିଛି। ବର୍ଷାଋତୁରେ ନଦୀ ବଢ଼ିଲେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ତଳୁଆ ଅଞ୍ଚଳରେ ଧାନଚାଷରେ ବ୍ୟାପକ କ୍ଷତି ଘଟୁଛି। ଏଣୁ ସମୟ ପୂର୍ବରୁ ସେଗୁଡ଼ିକର ମରାମତି ପାଇଁ ଚାଷୀମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏନେଇ ଧାମନଗର କୃଷି ବିଭାଗ ଅଧିକାରୀ ଭାସ୍କର ଦାସ କହିଛନ୍ତି, ମୌସୁମୀ ପହଞ୍ଚିଥିଲେ ବି ନିଅଣ୍ଟିଆ ବର୍ଷା ଯୋଗୁ ପାଣି ସମସ୍ୟା ଦେଖାଦେଇଛି। ଏଣୁ ଚାଷ କାର୍ଯ୍ୟ ବିଳମ୍ବ ହେବ।

## ଚମ୍ପୁଆରେ ମହାପ୍ରଭୁଙ୍କ ଘୋଷଯାତ୍ରା

ଚମ୍ପୁଆ,୭।୭(ମହେଶ୍ୱର ଦାସ)

ଚମ୍ପୁଆସ୍ଥିତ ବଳଦେବ ମନ୍ଦିରରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ସଦର ମହକୁମାର ଯାତ୍ରାପଡ଼ିଆଠାରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରା ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ରିତିନୀତି ଅନୁଯାୟୀ ୩ ଠାକୁରଙ୍କ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ଅଜ୍ଞାମାଳ ପରେ ଅପରାହ୍ଣ ୫ଟାରେ ଠାକୁର ରଥାରୁଢ଼ ହୋଇଥିଲେ। ଉପ ଜିଲାପାଳ ସୁକାନ୍ତ କୁମାର ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତହସିଲଦାର ଧର୍ମେନ୍ଦ୍ର କୁମାର ଶତପଥି ଛେରାପହଁରା କାର୍ଯ୍ୟ କରିଥିଲେ। ପରେ ରଥଟଣା ଆରମ୍ଭ କରାଯାଇଥିଲା।

# ରଥରେ ଦର୍ଶନ ଦେଲେ ବଳଦେବଜୀଉ

## ଗୋଟିଏ ଦିନରେ ୩ ନୀତି ଯୋଗୁ ରଥଟଣା ଅଟକିଲା

କେନ୍ଦୁଝର,୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝରର ପ୍ରସିଦ୍ଧ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଗୋଟିଏ ଦିନରେ ୩ ନୀତି ତଥା ନେତ୍ରୋତ୍ସବ, ଉଭାଯାତ୍ରା ଓ ରଥଯାତ୍ରା ପଡ଼ିଥିବାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହୋଇ ରଥରେ ଛେରାପହଁରା ଓ ଚାରମାଳ ଖୋଲାଯାଇଥିଲା। ରଥ ଉପରେ ଶ୍ରୀଜୀଉମାନେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସୋମବାର ପୂର୍ବାହ୍ଣ ୧୦ଟାରେ ରଥଟଣା ହେବ ବୋଲି ଜଣାପଡ଼ିଛି।
 ଅପରାହ୍ଣ ୫ ଟାରେ ଶ୍ରୀଜୀଉମାନଙ୍କର ଅବକାଶ ଶେଷ ପରେ ନେତ୍ରଦାନ, ଉଭା,


ଧାଡି ପହଣ୍ଡିରେ ରଥକୁ ବିଜେ କରୁଛନ୍ତି ବଳଦେବଜୀଉ।

ସକାଳ ଧୂପ, ଲୂଗାଲାଗି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳୀ, ଚକାଭିଡ଼ା ଓ ପହଁଣ୍ଡି ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୪ ଟା ୩୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ବିଶ୍ୱର ସର୍ବବୃହତ ନନ୍ଦିଘୋଷ ରଥ ଭାବେ ପରିଚିତ କେନ୍ଦୁଝର ବଳଦେବଜୀଉଙ୍କ ରଥକୁ ଅପରାହ୍ଣରେ ଶ୍ରୀଜୀଉମାନଙ୍କୁ ନିଆଯାଇଥିଲା। ଛେରାପହଁରା ପରେ ଅପରାହ୍ଣ ୫ଟା ୩୦ ମିନିଟରେ ରଥଟଣା ଆରମ୍ଭ ହୋଇଥିଲା। ଜିଲାପାଳ ବିଶାଲ ସିଂ, ଏସ୍‌ପି ନୀତିନ କୁଶଲକର, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଲଳିତ ସୋରେଙ୍ଗ, ଦେବୋତ୍ତର ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ସନ୍ତୋଷ ବେହେରା, ସଦର ତହସିଲଦାର, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀତି ସମ୍ପନ୍ନ ହୋଇଥିଲା। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, କେନ୍ଦୁଝରଗଡ ପୌର ଅଧକ୍ଷା ନିକୁ ସାହୁଙ୍କ ସମେତ କାଉନ୍‌ସିଲରମାନେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

## ମଲ୍ଲିପଶିରେ ରଥ ଟାଣିଲେ ମହିଳା



ପାଟଣା,୭।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରାଜନଗରସ୍ଥିତ ପ୍ରାଚୀନ ଦଧିବାମନଜିଉ, ମଲ୍ଲୀପଶି, ଟାଙ୍ଗରପଡା ଓ ସରାସକୋଲାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଘୋଷ ଯାତ୍ରାସମ୍ପନ୍ନ ହୋଇଛି। ଦଧିବାମନଜୀଉଙ୍କ ରଥରେ ଦୁର୍ଯ୍ୟୋଧନ ମିଶ୍ର ଛେରାପହଁରା କରିଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ ତହସିଲଦାର ଲୀଳାବତୀ ନାୟକ ରଥଯାତ୍ରା ପରିଚାଳନା କରିଥିଲେ। ୨୨ ଜଣ ବିଭିନ୍ନ ନିଯୋଗର ସେବାୟତଙ୍କ ସହଯୋଗରେ ରଥଟଣା ହୋଇଥିବା ବେଳେ ଗୋଟିଏ ଦିନରେ ନେତ୍ର ଉତ୍ସବ, ନବଯୌବନ ଦର୍ଶନ ଓ ରଥ ଯାତ୍ରା ପଡୁଥିବାରୁ ନୀତିକାନ୍ତିରେ ବିଳମ୍ବ ହେବାରୁ ରଥ ବଡଦାଣ୍ଡରେ ଅଟକିଛି। ଉଭୟ ରାଜନଗର ଓ ମଲ୍ଲୀପଶିରେ ବିଧାୟକ ଅଖିଳଚନ୍ଦ୍ର ନାଏକ ଓ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ମଲ୍ଲିପଶିରେ ଦାରୁ ବ୍ରହ୍ମ ସଂସ୍ଥାନ ପକ୍ଷରୁ ଆୟୋଜିତ ରଥଯାତ୍ରା ସାମାଜିକ କର୍ମୀ ପାର୍ଥ ସାରଥୀ ବେଜଙ୍କ ତତ୍ତ୍ୱାବାଧାନରେ ରାଜା ରବିନାରାୟଣ ସିଂ ଛେରାପହଁରା କରିଥିଲେ। ଏଠାରେ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ।

## ଲୁହା ରଥକୁ ଟାଣିଲେ ଭକ୍ତ

ବଡ଼ବିଲ, ୭।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ରବିବାର ଦିନ ୩ ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ବଡ଼ବିଲ-ନାଲଦା ମୁଖ୍ୟ ରାଜପଥରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର, କିରିବୁରୁକସ୍ଥିତ କଲ୍ୟାଣେଶ୍ୱର ମନ୍ଦିର ଓ ବଜାରନିକଟସ୍ଥ ହରିହର ମନ୍ଦିରରୁ ଜଗତରନାଥ ଜଗନ୍ନାଥ ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ରଥାରଢ଼ ହୋଇ ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି। କଲ୍ୟାଣେଶ୍ୱର ମନ୍ଦିର, ହରିହର ମନ୍ଦିରର ୩ ଠାକୁର ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଥିବାବେଳେ ଶ୍ରୀଜଗନ୍ନାଥ ମନ୍ଦିରର ୩ ଠାକୁର ସନ୍ତୋଷୀ ମା' ମନ୍ଦିର ନିକଟରେ ଅଟକଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରର ୩ ଠାକୁରଙ୍କ ରଥ ସମ୍ପୂର୍ଣ୍ଣ ଲୁହାରେ ନିର୍ମିତ ହୋଇଥିବାବେଳେ ଅତ୍ୟାଧୁନିକ ବ୍ରେକ୍ ବ୍ୟବସ୍ଥା ରହିଛି। ଏହି ରଥ ଟାଣିବାକୁ ପ୍ରବଳ ଭକ୍ତ ଓ ଶ୍ରଦ୍ଧାଳଙ୍କର ଭିଡ ହୋଇଥିଲା।

## ମାଉସୀ ମା' ମନ୍ଦିରରେ ଶ୍ରୀଶ୍ରୀ ଦଧିବାମନଜୀଉ

ଆନନ୍ଦପୁର,୭।୭(ଉମେଶ ଚନ୍ଦ୍ର ପାଢ଼ୀ)

ଆନନ୍ଦପୁରର ଆରାଧ ଦେବତା ଶ୍ରୀ ଶ୍ରୀ ଦଧିବାମନଜୀଉ ରଥରେ ବସି ମାଉସୀ ମା' ମନ୍ଦିରରେ ପହଞ୍ଚିଛନ୍ତି। ଦଧିବାମନଜୀଉଙ୍କ ରଥଯାତ୍ରାକୁ ନେଇ ମନ୍ଦିର ପରିଚାଳନା ପକ୍ଷରୁ ପୂଜା ପରେ ପୂର୍ବାହ୍ଣ ୧୧ଟା ୪୫ରେ ମଙ୍ଗଳାର୍ପଣ କରାଯାଇଥିଲା। ୩ ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ମଧାହ୍ନ ୧୨ଟା ୪୫ରେ ଛେରାପହଁରା ସାରିବା ପରେ ଭକ୍ତମାନେ ରଥରେ ୩ ଠାକୁରଙ୍କୁ ଦର୍ଶନ କରିବା ସହିତ ଅପରାହ୍ଣ ୫ରେ ରଥଟଣା



ଆରମ୍ଭ ହୋଇଥିଲା। ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ରଥକୁ ଟାଣି ମାଉସୀ ମା' ମନ୍ଦିରକୁ ନେଇଥିଲେ। ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ ଓ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା ଓ ଉପଖଣ୍ଡର ସମସ୍ତ ଥାନା ଅଧିକାରୀ ଓ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ରମାନେ ରଥଟଣାରେ ସହଯୋଗ କରିଥିଲେ। ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିଲା।

## ଯୋଗୀମଠରେ ଭକ୍ତଙ୍କୁ ଦର୍ଶନ ଦେଲେ ମହାପ୍ରଭୁ

କେନ୍ଦୁଝର,୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଯୋଗୀମଠ ବନାଯୋଡ଼ିରେ ୩୭ ତମ ଶ୍ରୀ ଗୁଣ୍ଡିଚା ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ସମସ୍ତ ନୀତିକାନ୍ତି ସରିବା ପରେ ମହାପ୍ରଭୁ ରଥାରୁଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରଥମେ ଶ୍ରୀ ମନ୍ଦିରରେ ଦୁଆର ଫିଟା ନୀତି ଅନୁଷ୍ଠିତ ହୋଇଥିବାବେଳେ ଦେବୀଦେବଙ୍କ ବିଭିନ୍ନ ପୂଜା, ସକାଳ ଧୂପ, ମଧାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ଠାକୁର ରାଜା ପରେଶ ଚନ୍ଦ୍ର ଧର ଛେରାପହଁରା କରିଥିଲେ। ମୁଖ୍ୟ ପୂଜକ ଶାନ୍ତନୁ ଦାସ ଓ ତାଙ୍କର ସାଥିଙ୍କ ଦ୍ୱାରା ଯଥାବିଧି ପୂଜା ଅର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଗୋଟି ଧାଡ଼ି ପହଣ୍ଡିରେ ଠାକୁର ରଥ ପରିକ୍ରମା କରିବା ରଥା ରୁଢ଼ ହୋଇଥିଲେ। ସନ୍ଧ୍ୟା ୫ ଟା ୩୦ ଘଟିକାରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦ୍ମପୁର, ଗୋବର୍ଦ୍ଧନ, ସେଣ୍ଡକାପ, ସାହାଡ଼ାପୁର, ବାଉରୀପଦା, ରାଇସୁଆଁ, ବଣୁଆ, ହଳଦୀଗୁଣା, ବାଲିସୁଆଁ, ନୂଆଗାଁ, କେନ୍ଦୁପଶି, ପୋଇପାଣି, ହାତୀକୁଚା, ବିରୋକିଶରପୁର, ବିସ୍ତାପାଳ, ଗୁଆଲଡିହ, କାଦଗଡ, ଭାଟୁନିଆ, ଜଡ଼ିଚାତର, ଦାବାଙ୍ଗ, ପୁଟୁଲିଆ, ଶଙ୍କିରି, ଜଡିପଦା, ହାଣ୍ଡିଭଙ୍ଗା, ପୋଟଳ, କଣାପଶି, ବାଜୁଣିଟାଙ୍ଗର, କାଉଁରୀକଳା ଗ୍ରାମ ସହିତ ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲା ଏବଂ ଝାଡ଼ଖଣ୍ଡ ରାଜ୍ୟରୁ ଶ୍ରଦ୍ଧାଳୁ ଆସି ପୂଜା ଅର୍ଚ୍ଚନା କରିଥିଲେ। ଭକ୍ତ ଗଣ ବିଭିନ୍ନ ପ୍ରକାର ନୃତ୍ୟ କରି ବିରାଟ ପଟୁଆରରେ କାଳିଆ ସାଆନ୍ତଙ୍କୁ ମାଉସୀ ମା' ମନ୍ଦିରକୁ ପାଛୋଟି ନେଇଥିଲେ।

## ଢେଙ୍କିକୋଟରେ ରଥଟାଣିଲେ ୫୦ ହଜାର ଭକ୍ତ

ଢେଙ୍କିକୋଟ,୭।୭(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ଜଗନ୍ନାଥ ମନ୍ଦିର ରଥ ପରିଚାଳନା କମିଟି ଦ୍ୱାରା ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ ଟାରେ ମଙ୍ଗଳାଳତି, ନବ ଯୌବନ ଦର୍ଶନ, ନେତ୍ର ଉତ୍ସବ, ସୂର୍ଯ୍ୟ ପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୫ଟାରେ ପହଣ୍ଡୀ ହୋଇ ରଥାରୁଢ଼ ହୋଇଥିଲେ। ଜଗନ୍ନାଥ ମନ୍ଦିର ଓ ରଥ ଯାତ୍ରା କମିଟିର ସଭାପତି ରାମଚନ୍ଦ୍ର ସାହୁ ଛେରାପହଁରା କରିଥିଲେ। ଅପରାହ୍ଣ ୫ଟ ୩୦ ବେଳେ ରଥଟଣା ଆରମ୍ଭ ହୋଇଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ରଥକୁ ଟାଣି ଥିବା ବେଳେ ରଥ ମାଉସୀ ମା'ଙ୍କ ମନ୍ଦିର ଯିବା ବାଟରେ ଅଟକିଛନ୍ତି। ସୋମବାର ପୁନର୍ବାର ମାଉସୀ ମାଆଙ୍କ ମନ୍ଦିରକୁ ନିଆଯିବ ବୋଲି ଜଣାଯାଇଛି।

## ମହାପ୍ରଭୁଙ୍କ ନବ ଯୌବନ ଦର୍ଶନ

ଯୋଡ଼ା,୭।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଭକ୍ତିମୟ ପରିବେଶରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବ ଯୋଡ଼ାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଅପରାହ୍ଣ ୪ଟା ୩୦ରେ ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇଥିଲା। ମହାପ୍ରଭୁଙ୍କ ନବ ଯୌବନ ବେଶ ଦର୍ଶନ ପରେ ପହଣ୍ଡି ବିଜେ ହୋଇଥିଲା। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରୀ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଶ୍ରଦ୍ଧାଳୁ ଟାଣି ନେଇଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ରଥଯାତ୍ରାରେ ଡିଜେ ଓ ଲାଇଟ୍ ଭଜନର ତାଳେ ତାଳେ ଲୋକେ ରଥ ଟାଣିଥିଲେ। ବିପୁଳ ସଂଖ୍ୟାରେ ମହିଳା ଭକ୍ତ ରଥଟଣାରେ ସାମିଲ ହୋଇଥିଲେ। ଯୋଡ଼ା ଶ୍ରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ଡା. ଅନୀଲ ଦାସ କହିଥିଲେ, ନିର୍ଦ୍ଧାରିତ ସମୟ ସୁଦ୍ଧା ପଶ୍ଚିମ ଯୋଡାସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚିଛି। ଯୋଡ଼ା ସହର ସମେତ ଜରିବାହାଲ, କମଳପୁର, ବିଲେଇପଦା, ଆନନ୍ଦବଜାର, ବିଛାକୁଣ୍ଡୀ ପ୍ରଭୃତି ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ମୟୂରଭଞ୍ଜ

# ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି

## ବାରିପଦାରେ ଆଜି ରଥଟଣା

### ରୁପା ଖଡ଼ିକାରେ ପ୍ରଥମ ଥର ଛେରାପହଁରା କଲେ ମହାରାଜା

ବାରିପଦା,୭।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ପହଣ୍ଡିରେ ରଥାରୂଢ଼ ହୋଇଛନ୍ତି। ପରମ୍ପରା ଅନୁଯାୟୀ ପୁରୀ ରଥର ତହିଁପରଦିନ ଏଠାରେ ୨ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତଦନୁଯାୟୀ ସୋମବାର ଓ ମଙ୍ଗଳବାର ରଥଟଣା ହେବା ନେଇ ରୀତିନୀତି ଚାଲୁରହିଛି। ଚଳିତ ବର୍ଷ ୭୫ବର୍ଷ ପରେ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ ହୋଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା।
 ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ଆଳତି ସରିବା ପରେ ୭ଟା ୫୦ମିନିଟ୍‌ରେ ଅଧିବାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମଧ୍ୟରାତ୍ର ୧୨ଟା ପରେ ରାତି ୨ ଘଟିକା ମଧ୍ୟରେ ଚକାଛଡ଼ା ନୀତି ସମ୍ପନ୍ନ ହୋଇଥିଲା। ରବିବାର ସକାଳ ୯ଟା ୩୦ରୁ ୧୧ ମଧ୍ୟରେ ଅବକାଶ ଓ ନେତ ବନ୍ଧନ ପରେ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଛି। ପୂଜାପଣ୍ଡାଙ୍କ ଦ୍ୱାରା ମଙ୍ଗଳ ଆଳତି, ମଇଲମ, ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶଶେଷ, ଗୋପାଳ ବଲ୍ଲଭ ଓ ସକାଳ ଧୂପ ସରିଥିଲା। ପୂର୍ବାହ୍ଣ ୧୧ ଟା ୩୦ରୁ ୧ଟା ୩୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ ହେବା ପରେ ମା' ଅମ୍ବିକାଙ୍କ ମନ୍ଦିରରୁ ଦାସୀ ଆଜ୍ଞାମାଳ ନେଇ ଆସିବା ପରେ ପ୍ରଦକ୍ଷିଣ କରି କଳସ ଓ ରଥ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରାଯାଇଛି। ଚକାଛଡ଼ା ନୀତି ସମ୍ପନ୍ନ ପରେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପ୍ରଥମ କରି ୩ ରଥରେ ଛେରାପହଁରା କରିଛନ୍ତି। ପରମ୍ପରା ଅନୁଯାୟୀ ରୁପା ଖଡ଼ିକାରେ ମହାରାଜା ଛେରାପହଁରା କରିଥିଲେ। ପରମ୍ପରାକୁ ନେଇ ମହାରାଜା ପ୍ରଭୁଙ୍କ ଆଶୀର୍ବାଦ ଲୋଡିଥିଲେ। ଅପରାହ୍ଣ ୫ଟାରେ ନାଗରା ବାଜିବା ପରେ ମନ୍ଦିର ପରିଛା ଆଜ୍ଞାମାଳ ଓ କୁଣ୍ଡରେ ସୁବାସିତ


ଶ୍ରୀ ହରିବଳଦେବଜୀଉ ବିଜେଙ୍କ ପହଣ୍ଡି ଯାତରେ ପ୍ରଭୁ ବଳଭଦ୍ର।

ଚନ୍ଦନ ଜଳ ସିଞ୍ଚନ କରିଥିଲେ। ପ୍ରଥମେ ବଳଭଦ୍ରଙ୍କୁ ପହଣ୍ଡିଆମାନେ ପହଣ୍ଡି ବିଜେ କରିଥିଲେ। ଟାହିଆ ହଲେଇ ହଲେଇ ଠାକୁର ରଥଖଳାକୁ ପହଞ୍ଚିବା ପରେ ନନ୍ଦିଘୋଷ ଓ ଦର୍ପଦଳନ ରଥ ମଧ୍ୟଭାଗରେ ମହାପ୍ରଭୁଙ୍କ ଉତ୍ତରାମୁଖୀ ଓ ବାଟପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ନୀତିରେ ଠାକୁରଙ୍କୁ ଛେନା ଓ ମିଠେଇ ଲାଗି କରିବା ପରେ କର୍ପୂର ଆଳତି କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ପହଣ୍ଡି ହୋଇଥିଲା। ଦେବୀ ସୁଭଦ୍ରାଙ୍କୁ ପହଣ୍ଡିଆମାନେ ପହଣ୍ଡି କରିଥିବା ବେଳେ ଜଣେ ପହଣ୍ଡିଆ ସୁଦର୍ଶନଙ୍କୁ କାନ୍ଧରେ ବସାଇ ପହଣ୍ଡି ସାଙ୍ଗରେ ଆସିଥିଲେ। ପରେ ବିଭିନ୍ନ ପ୍ରକାର ନୀତି କରାଯାଇ ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ବିଜେ କରିଥିଲେ। ମନ୍ଦିର ପରିଛା ଆଜ୍ଞାମାଳ ଓ ରୁପା କୁଣ୍ଡରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ ପରେ ଗୋଟି ପହଣ୍ଡିରେ ପହଣ୍ଡିଆମାନେ ସିଂହଦୁଆର ନିକଟରେ ପହଞ୍ଚିଥିଲେ। ସେଠାରେ ଥିବା ପଦ୍ମ ମଣ୍ଡପରେ ପୁଷ୍ପ ଟାହିଆ ଲାଗି କରି ଗୋଟି ପହଣ୍ଡିରେ ବିଭିନ୍ନ ପ୍ରକାର ରୀତିନୀତି ସାରି ବିଶ୍ୱ ନିୟନ୍ତା ପ୍ରଭୁ ଜଗନ୍ନାଥ ରଥାରୂଢ଼ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ରୁପା ଅଳଙ୍କାର ଓ ଲୁଗା ଲାଗି କରାଯାଇଥିଲା। ଠାକୁର ଫୁଲ ତୁଳସୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମହାପ୍ରଭୁଙ୍କୁ ସନ୍ଧ୍ୟା ଆଳତି ଦର୍ଶନ ଓ ତୁଳସୀ ସେବନ ପରେ ସମସ୍ତ ରୀତିକାନ୍ତି ଶେଷ ହୋଇଥିଲା। ସୋମବାର ଅପରାହ୍ଣ ୨ଟା ୩୦ ମିନିଟରୁ ୫ଟା ୩୦ ପର୍ଯ୍ୟନ୍ତ ରଥଟଣା ହେବା ନେଇ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଏସ୍‌ପି ଏସ.ସୁଶ୍ରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି।

## ନବଯୌବନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି


ଚତୁର୍ଦ୍ଧାମୂର୍ତ୍ତିଙ୍କ ନବ ଯୌବନ ବେଶ।

ମୋରଡ଼ା,୭।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ଧର୍ମକ୍ଷେତ୍ର ରଥଯାତ୍ରା ଉପଲକ୍ଷେ ବେଶ ଚଳଚଞ୍ଚଳ ହୋଇ ଉଠିଛି। ତେବେ ଦେବ ସ୍ନାନ ପୂର୍ଣ୍ଣିମାଠାରୁ ପନ୍ଦର ଦିନ ଧରି ଅଣସର ଘରେ ଜ୍ୱରରେ ପୀଡ଼ିତ ଥିବା ବିଗ୍ରହମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ପରେ ରବିବାର ଭକ୍ତଙ୍କୁ ନବ ଯୌବନ ବେଶରେ ଦର୍ଶନ ଦେଇଛନ୍ତ। ସକାଳୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମଙ୍ଗଳ ଆଳତୀ ଓ ଅନ୍ୟାନ୍ୟ ନୀତିକାନ୍ତି ସମାପନ ପରେ ନବ ଯୌବନ ଦର୍ଶନ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟରେ ପରିମାଣିକ ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦୀର୍ଘ ପନ୍ଦର ଦିନ ପରେ ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତଗଣ ଭାବ ବିହ୍ୱଳ ହୋଇପଡ଼ିଥିଲେ। ନବଯୌବନ ଦର୍ଶନ ପରେ ଅପରାହ୍ଣରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହୋଇଥିଲେ। ପରମ୍ପରା ଅନୁଯାୟୀ, ସୋମବାର ରଥା ଟଣା ଆରମ୍ଭ ହୋଇ ବ୍ଲକ ଛକ ନିକଟରେ ଠାକୁର ଗୋଟିଏ ରାତି ରହଣି କରିବେ। ପର ଦିନ ଅର୍ଥାତ ମଙ୍ଗଳବାର ପୁଣି ରଥା ଟଣା ହୋଇ ମାଉସୀମା ମନ୍ଦିରରେ ପହଞ୍ଚିବେ।

## ମାଉସୀମା' ମନ୍ଦିର ଅଭିମୁଖେ ତିନିଠାକୁର

ଠାକୁରମୁଣ୍ଡା, ୭।୭ (ତାରାକାନ୍ତ ପଟ୍ଟନାୟକ)-ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ୭ଟି ସ୍ଥାନରେ ରବିବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ପୁରାତନ ଦିଗଧର ଗ୍ରାମ ମଠରେ ଥିବା ଦଧିବାମନ ଓ ପତିତପାବନଙ୍କ ରଥଯାତ୍ରା ହୋଇଛି। ଅପରାହ୍ଣ ୫ଟା ପରେ ପହଣ୍ଡି ପରେ ଦିଅଁକୁ ରଥାରୂଢ଼ କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ପରେ ରଥ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିଥିଲା।
ସେହିପରି ଠାକୁରମୁଣ୍ଡାଠାରେ ଅପରାହ୍ଣ ୪ଟା ବେଳେ ନେତ୍ର ଉତ୍ସବ ଓ ରଥ ପ୍ରତିଷ୍ଠା ନୀତି ଶେଷ ହୋଇଥିଲା। ୫ଟା ପରେ ଛେରାପହଁରା କରାଯାଇ ପ୍ରଥମେ ସୁଦର୍ଶନଙ୍କୁ ରଥାରୂଢ଼ ପରେ ୩ ଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ବସନ୍ତ ପୈବର୍ତ୍ତୀ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହାପରେ ରଥଟଣା ଆରମ୍ଭ ହୋଇ ଠାକୁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଟକିଥିଲା। ପ୍ରତିବର୍ଷ ଏହି ରଥଯାତ୍ରା ଦୁଇଦିନ ଧରି ଚାଲେ। ସୋମବାର ପୁଣି ରଥ ଟଣାଯାଇ ମାଉସୀମା ମନ୍ଦିର ନିକଟରେ ପହଞ୍ଚିବ। ଚଳିତବର୍ଷ ବହୁ ଭକ୍ତଙ୍କ ସମାଗମ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ବୋରିଂ, ପତ୍ରପୋଡ଼ା, ଖମଡ଼ିହା, କେଶଡ଼ିହା ଓ ଖେଡ଼ିଆପଶିଠାରେ ରଥଯାତ୍ରା ହୋଇଥିଲା।



## ୨୪ ପ୍ଲାଟୁନ୍ ଫୋର୍ସ ନିୟୋଜିତ

### ବନ୍ଦ ରହିବ ମଦ ଦୋକାନ

ବାରିପଦା,୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ପରିଚାଳନା ପାଇଁ ପୋଲିସ ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ୩ ଦିଅଁଙ୍କୁ ଦର୍ଶନ ପାଇଁ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ଟ୍ରାଫିକ କଟକଣା ସହିତ ଟ୍ରାଫିକ ପରିଚାଳନା ପାଇଁ ୧୩ ଜଣ ଟ୍ରାଫିକ କନଷ୍ଟେବଲ ନିୟୋଜିତ ହୋଇଛନ୍ତି। ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଜିଲାବ୍ୟାପୀ ୨୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷିକା ଏସ୍. ସୁଶ୍ରୀ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ବାରିପଦା ସହର ପାଇଁ କେବଳ ୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏଥିସହିତ ୨ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସ୍‌ପି, ୧୭ ଇନ୍ସପେକ୍ଟର, ୬୮ ଏସ୍‌ଆଇ ଓ ଏଏସ୍‌ଆଇ, ୧୧ ହାବିଲଦାର, ୧୨୧ କନଷ୍ଟେବଲ ଏବଂ ୨୨୧ଜଣ ଗୃହରକ୍ଷୀଙ୍କୁ ମୁତୟନ କରାଯାଇଥିବା ନେଇ ଏସ୍‌ପି ସୂଚନା ଦେଇଛନ୍ତି। ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ନିକଟରେ ଅସ୍ଥାୟୀ ଫାଣ୍ଡି କରାଯାଇ ପୋଲିସ ଅଧିକାରୀ ସହିତ ଫୋର୍ସ ମୁତୟନ ରହିଛନ୍ତି। ବାରିପଦା ସହରକୁ ପ୍ରବେଶ ପଥରେ ମଧ୍ୟ ଅସ୍ଥାୟୀ ଫାଣ୍ଡି କରାଯାଇ ଯାଞ୍ଚ କରାଯାଉଛି। ସୁରକ୍ଷା ନିମନ୍ତେ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜା ଯାଇଛି। ରଥଯାତ୍ରା ପାଇଁ ଅବକାରୀ ବିଭାଗ ପକ୍ଷରୁ ମଦ ବିକ୍ରିରେ କଟକଣା ଜାରି ହୋଇଛି। ଜୁଲାଇ ୮, ୯ ଏବଂ ୧୬, ୧୭ ତାରିଖ ଦିନ ବାରିପଦା ସହରର ସମସ୍ତ ବିଦେଶୀ ମଦ ଦୋକାନ ସକାଳଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁର ସୂଚନା ଦେଇଛନ୍ତି। ସୋମବାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ବାହ୍ଣ ୩ଟା ବେଳେ ବଡ଼ଦାଣ୍ଡରେ ଉପସ୍ଥିତ ରହି ମା' ସୁଭଦ୍ରାଙ୍କ ରଥ ଟାଣିବେ। ସେ ନେଇ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହିତ ଏସ୍‌ପି ଏସ୍ ସୁଶ୍ରୀ ମଧ୍ୟ ନିଜେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ରଥଯାତ୍ରା ପାଇଁ ମୟୂରଭଞ୍ଜ ଜିଲା ତଥା ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ରଥଟଣା ସମୟରେ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ଉପରେ ପାଣି ଛିଞ୍ଚନ ନେଇ ଅଗ୍ନିଶମ ବିଭାଗ ଗାଡ଼ି ସମେତ କର୍ମଚାରୀ ନିଯୁକ୍ତ କରାଯାଇଛି।

# ଭାବରେ ବନ୍ଧା ହେଲେ ଭାବଗ୍ରାହୀ

## ଇମାମୀ ନଗର ଲୋକାରଣ୍ୟ

ବାଲେଶ୍ୱର,୭।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ଇମାମୀନଗର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଭାବ ବିନୋଦିଆ ଭାବଗ୍ରାହୀ ଲକ୍ଷାଧିକ ଭକ୍ତଙ୍କ ଭାବରେ ବାନ୍ଧି ହୋଇଥିଲେ। ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ଗହଣରେ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଘଣ୍ଟଘଣ୍ଟା, କାହାଳି, ମୃଦଙ୍ଗ ଓ ଶଙ୍ଖ ଧ୍ୱନିର ମାଙ୍ଗଳିକ ପରିବେଶରେ 'ଜୟ ଜଗନ୍ନାଥ' ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ରବିବାର ପ୍ରତ୍ୟୁଷରେ ମନ୍ଦିରର ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର ରଥଙ୍କ ଦ୍ୱାରା ପ୍ରତିଷ୍ଠା, ଶ୍ରୀଜୀଉଙ୍କର ନବଯୌବନ ବେଶ, ନେତ୍ର ଉତ୍ସବ, ଉଭାଯାତ୍ରା ସାଙ୍ଗକୁ ଆଜ୍ଞାମାଳ ଅର୍ପଣ ପରେ ମଙ୍ଗଳାର୍ପଣ, ଧାଡ଼ି ପହଣ୍ଡି, ତାହିଆ ଲାଗି ପ୍ରଭୃତି ରୀତିନୀତି ଓ ପୂଜାର୍ଚ୍ଚନା ସମାପନ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ରେ ପହଣ୍ଡି ବିଜେ ଓ ଅପରାହ୍ନ ୨ଟା ୪୦ରେ ଇମାମୀ ଗ୍ରୁପ୍‌ର ଯୁଗ୍ମ ଅଧ୍ୟକ୍ଷ ରାଧେଶ୍ୟାମ ଗୋୟେଙ୍କାଙ୍କ ଦ୍ୱାରା ଛେରା ପହଁରା ସମାପନ ହୋଇଥିଲା। ଅପରାହ୍ନ ୩ଟା ୪୦ରେ ବହୁ ପ୍ରତୀକ୍ଷିତ ଭାବବିନୋଦିଆ କଳାଠାକୁର, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ସହିତ ସୁସଜ୍ଜିତ ରଥରେ ଭକ୍ତମାନଙ୍କର ଗହଳିରେ ପ୍ରକମ୍ପିତ ରଥଦାଣ୍ଡରେ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ରଥ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତୀ ଅର୍ପଣ କରି ଶୋଭା ପଥଯାତ୍ରାରେ ରତ୍ନବେଦୀକୁ ନିଆଯାଇଥିଲା।

ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଓ ଇମାମୀ ସୁରକ୍ଷାକର୍ମୀଙ୍କୁ ନିୟୋଜନ କରାଯାଇଥିଲା। ସକାଳ ଠାରୁ ରାତି ପର୍ଯ୍ୟନ୍ତ ମନ୍ଦିର ପକ୍ଷରୁ ଆନନ୍ଦ ବଜାରରେ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ସୁବନ୍ଦୋବସ୍ତ କରାଯାଇଥିଲା। ବାଲେଶ୍ୱର ଜିଲାପାଳ ଆଶୀଷ ଠାକରେ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବାଲେଶ୍ୱର ଉପ-ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଜିଲା ପରିଷଦ ଅଧ୍ୟକ୍ଷ



ମହାପ୍ରଭୁ ଶ୍ରୀ ଜଗନ୍ନାଥ ପହଣ୍ଡି ବିଜେ କରୁଛନ୍ତି।

ନାରାୟଣ ପ୍ରଧାନ, ରେମୁଣା ବ୍ଲକ ଚେୟାରମ୍ୟାନ୍ ରାଜେନ୍ଦ୍ର ରାଉତ, ନୀଳଗିରି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଧାଂଶୁ ପରିଡ଼ା, ଶ୍ରମିକ ନେତା ପଦ୍ମଲୋଚନ ନାୟକ ଓ ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ମହାପ୍ରଭୁଙ୍କ ରଥ ଯାତ୍ରାରେ ସାମିଲ ହୋଇଥିଲେ। ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ୍ ଓ ରାଧାଶ୍ୟାମ ଗୋୟେଙ୍କାଙ୍କ ନିର୍ଦ୍ଦେଶରେ ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋୟେଙ୍କାଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ସିସି କ୍ୟାମେରା, ଜଳସିଞ୍ଚନ ବ୍ୟବସ୍ଥା ସୁଚାରୁ ରୂପେ କରାଯାଇଥିଲା। ଇମାମୀ ଗ୍ରୁପ୍‌ର ସ୍ଥାୟୀ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକ୍ ଚାୱଲା ତଥା ସ୍ଥାନୀୟ ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସସାମନ୍ତରାୟ, ପ୍ରବନ୍ଧକ ବିନୋଦ କୁମାର ଜେନା, ସ୍ଥାନୀୟ କାଗଜକଳର ସଭାପତି ଆଶୀଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ କୁମାର ଗୁପ୍ତା, ଉପସଭାପତି ରାଜେଶ କୁମାର ମିଶ୍ରଲ, ମୁଖ୍ୟ ସଞ୍ଚାଳକ ଡ. ୟୁସୁଫ୍ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ଡିଜିଏମ୍ ରମେଶ ଚନ୍ଦ୍ର ଖୁଣ୍ଟିଆ, ଏଜିଏମ୍ ଓମ୍ ପ୍ରକାଶ ଶର୍ମା, ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ଇମାମୀ ପେପର ମିଲ୍‌ର ସ୍ୱାସ୍ଥ୍ୟ ଅଧିକାରୀ ଡା. ଓମ୍‌କାର ମହାପାତ୍ର, ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଦ୍ୱାରା ରଥଯାତ୍ରା ସମ୍ପନ୍ନ ହୋଇଥିଲା।

# ଆକର୍ଷଣ ସାଜିଲା ରଙ୍ଗୋଲି ବାଲିରଥ

ଜଳେଶ୍ୱର,୭।୭(ରବିନାରାୟଣ ପାତ୍ର)

ରଙ୍ଗ-ତୁଳୀ, ରଙ୍ଗୋଲି ଓ କଳାକୁ ଜୀବନର ବ୍ରତଭାବେ ଗ୍ରହଣ କରିଥିବା ରାଇବଣିଆ ଅଞ୍ଚଳର ଅଜୟ କୁମାର ଘୋଷ ଗତ କିଛିଦିନ ଧରି ପ୍ରଚେଷ୍ଟା କରି ବାଲିରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ରଥ ନିର୍ମାଣ କରି ସେଥିରେ ରଙ୍ଗୋଲିର ପୁଟ ଦେଇଛନ୍ତି। ସୁବର୍ଣ୍ଣରେଖା ନଦୀକୂଳ ବେହେରା ସାହି ଗାଁର ଯୁବକ ଅଜୟ ବିଭିନ୍ନ ସମୟରେ ବାଲୁକା ମୂର୍ତ୍ତି ଓ ରଙ୍ଗୋଲି ଚିତ୍ର କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଚଳିତବର୍ଷ ସେ ତିଆରି କରିଥିବା ରଙ୍ଗୋଲି ବାଲିରଥକୁ ଶତାଧିକ ଲୋକ ଦର୍ଶନ କରିଛନ୍ତି। ସରକାରୀ ପ୍ରୋତ୍ସାହନ ମିଳିଲେ ଅଧିକ କଳା ନୈପୁଣ୍ୟତା ପ୍ରଦର୍ଶନ କରିବେ ବୋଲି ସେ କହିଛନ୍ତି।

# ରଥାରୂଢ଼ ହେଲେ ଚତୁର୍ଦ୍ଧା ମୂର୍ତ୍ତି



ରଥ ଉପରେ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି।

ନୀଳଗିରି,୭।୭(ପ୍ରଶାନ୍ତ ବିଶ୍ୱାଳ)

- ନୀଳଗିରିରେ ଘୋଷଯାତ୍ରା
- ସୋମବାର ଓ ମଙ୍ଗଳବାର ରଥଟଣା

ବାଲେଶ୍ୱର ଜିଲା ନୀଳଗିରିରେ ରବିବାର ପବିତ୍ର ରଥଯାତ୍ରା ମହାଆଡ଼ମ୍ବର ସହକାରେ ଆରମ୍ଭ ହୋଇଛି। ବଡ଼ଦାଣ୍ଡରେ ଭକ୍ତ ଭଗବାନଙ୍କ ମହାମିଳନ ପର୍ବ ଆରମ୍ଭ ହେବା ସହ ପହଣ୍ଡି ଯାତ୍ରା ପରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଛନ୍ତି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ରଥ ଟଣା ହେବ।

ମନ୍ଦିରର ପୂଜକଙ୍କ ଦ୍ୱାରା ପ୍ରତ୍ୟୁଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୫ଟାରେ ପଣ୍ଡା ପଢ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାରୁ ଝୁଲାଇ ଝୁଲାଇ ରଥକୁ ଧାଡ଼ି ପହଣ୍ଡିରେ ଆଣିଥିଲେ। ପରେ ରାମକୃଷ୍ଣ ମୋଦନ ମୋହନ ଆସିଥିଲେ। ଏହି ସମୟରେ ନାମ ସଂକୀର୍ତ୍ତନ, ଘଣ୍ଟ, କାହାଳି ବାଦ୍ୟ, ଗୋଟିପୁଅ ନୃତ୍ୟ ତଥା ଉପସ୍ଥିତ ଜନତାଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ମନ୍ଦିରରୁ ବାହାରି ଆସି ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ନୀଳଗିରି ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ପଡ଼ିଥିଲା। ପରମ୍ପରା ଅନୁସାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଜିଲାପାଳ ଆଶୀଷ ଠାକ୍‌ରେ, ଉପ ଜିଲାପାଳ ମନ୍ଦରଧର ମାହାଳିକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ତହସିଲଦାର ଦୀପ୍ତିମୟୀ ବେହେରା, ଏନ୍‌ଏସି ଅଧିକାରୀ ପ୍ରସନ୍ନ କୁମାର ଦାସ, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଶୃଙ୍ଖଳିତ ଦର୍ଶନ ଲାଗି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ଭୋଗରାଇରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ରଥ

**ଭୋଗରାଇ,୭।୭(ପ୍ରଦୀପ ଦାସ):** ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଭୋଗରାଇ ବ୍ଲକରେ ଦେଢ଼ହଜାରରୁ ଊର୍ଦ୍ଧ୍ୱ ଦାରୁ ଦିଅଙ୍କ ରଥ ଭକ୍ତମାନେ ଟାଣିଛନ୍ତି। ଚନ୍ଦନେଶ୍ୱର, ଶଙ୍ଖାରୀ, ଶ୍ରଦ୍ଧାପୁର, ଏନ୍‌ଏମ୍ ପଡ଼ିଆ, ସରିଷାହାଟ, ଜଗନ୍ନାଥପୁର, ଫୁଲବଣୀ, ନିମାତପୁର, ଜୟରାମପୁର, ଆଉସା, ନୂଆଗାଁ, ଜଳସୋହରିଆ, ଚୌକି, ବେଲାହାଟ, ଦେଉଳାହାଟ, ଅନଳିଆ, ଥାନାଛକ, ରସିଦପୁର କୃପାକ୍ଷେତ୍ର, ଭୋଗରାଇ ହାଟ, କୁସୁଡା, ପୁଟିଣା, ବେଣୁଦା, ମହାଗବ, ବାଉଁଶଡ଼ିହା, କମର୍ଦ୍ଦା, ଦହମୁଣ୍ଡା ପ୍ରଭୃତି ସ୍ଥାନରେ ରଥାରୂଢ଼ ମହାପ୍ରଭୁଙ୍କ ରଥକୁ ଭକ୍ତମାନେ ଟାଣି ଟାଣି ମାଉସୀ ଘରକୁ ଆଣିଥିଲେ। ଘୋଷ ଯାତ୍ରା ଲାଗି ଭୋଗରାଇ ଚଳଚଞ୍ଚଳ ହୋଇ ପଡ଼ିଥିବାବେଳେ ବିଭିନ୍ନ କାରିଗରୀ କୌଶଳରେ ନିର୍ମିତ ମହାପ୍ରଭୁଙ୍କ ରଥ ଗୁଡ଼ିକର ଅନନ୍ୟ ଆକର୍ଷଣ ଭକ୍ତମାନଙ୍କୁ ବିମୋହିତ କରିଥିଲା। ରଥଯାତ୍ରା ଲାଗି ବହୁ ନୂତନ ଦୋକାନ, ଘର ଶୁଭକାର୍ଯ୍ୟ ପ୍ରଭୃତି କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଖଇରା ବ୍ଲକ ଅଞ୍ଚଳରେ ରଥଯାତ୍ରା

ଖଇରା,୭।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଘୋଷ ଯାତ୍ରା ହଜାର ହଜାର ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରସିଦ୍ଧ ଗଣ୍ଡିବେଡ ଜଗନ୍ନାଥ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଣ୍ଡି ଶେଷ ହୋଇଥିଲା। ଭକ୍ତମାନେ ରଥକୁ ଟାଣି ଟାଣି ମାଉସୀମା ମନ୍ଦିରକୁ ନେଇଥିଲେ। ମୁଷା ପଣ୍ଡା, ନନ୍ଦ ପଣ୍ଡା, ଉଦୟ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଦାମୋଦର ବେହେରା ଛେରା ପହଁରା କରିଥିବା ବେଳେ ଦିବାକର ରାଉଳ, ରମେଶ ଦାଶ, ଲକ୍ଷ୍ମଣ ବେହେରା, ଗୋବିନ୍ଦ ବେହେରା, ଲମ୍ବୋଦର ବେହେରା, ମୋହନ ସୁନ୍ଦର ସାହୁ, ସୁଦାମ ମୁଦୁଲି, କରୁଣାକର ମହାନ୍ତି ପ୍ରମୁଖଙ୍କ ସହଯୋଗରେ ରଥଟଣା କାର୍ଯ୍ୟ ଶେଷ ହୋଇଥିଲା। ନୟାଖଣ୍ଡି ରଥରେ ଦଧିବାମନ ଜୀଉ ରଥାରୂଢ଼ ହେବା ପରେ ବନମାଳି ବାରିକ ଛେରା ପହଁରା କରିଥିଲେ। ହରିବୋଲ ହୁଳହୁଳି ମଧ୍ୟରେ ରଥ ଆଳଦା ମାଉସୀ ମା' ମନ୍ଦିରକୁ ଆସିଥିଲା। ସେହିଭଳି ବିଦ୍ୟାଧରପୁର ଶାସନସ୍ଥିତ ଜଗନ୍ନାଥ ମନ୍ଦିରରେ ନବଯୌବନ ବେଶ ପରେ ପୂଜକ ରମାକାନ୍ତ ଶତପଥୀ, ଉଦୟ ଶତପଥୀ, ଦ୍ୱାରିକା ଶତପଥୀଙ୍କ ଦ୍ୱାରା ୩ ଠାକୁରଙ୍କ ପହଣ୍ଡି କରାଯାଇଥିଲା। ଭଜନ କୀର୍ତ୍ତନ ମଧ୍ୟରେ ଭକ୍ତମାନେ ରଥକୁ ଟାଣି ଟାଣି ଖଇରା ଦୁର୍ଗାମଣ୍ଡପସ୍ଥିତ ମାଉସୀମା ମନ୍ଦିରକୁ ଆଣିଥିଲେ। ଏହାବ୍ୟତୀତ ବ୍ଲକ ଅଧୀନ କଣ୍ଟାପଡ଼ା ଶାସନ, ବାଣପୁର, ଗୋପାଳବେଡା, ଖାଡିଗୋଛି, ଅଲିପୁର, ପଳସା, ନଛିପୁର, କୁପାରୀ, ମହୁଲପଙ୍ଗାଠାରେ ରଥଯାତ୍ରା ହର୍ଷୋଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି।



ଗଣ୍ଡିବେଡଠାରେ ଭକ୍ତମାନେ ରଥ ଟାଣି ନେଉଛନ୍ତି।

# ପାଣି ପାଇଁ ଆନ୍ଦୋଳନ

## ସୁପରଭାଇଜରଙ୍କୁ ଅଟକ ରଖିଲେ ଗ୍ରାମବାସୀ

ରୂପସା,୭।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତରେ ରବିବାର ଉତ୍ତେଜନା ଦେଖାଦେଇଛି। ପଞ୍ଚାୟତ ଅଧୀନ ପାରଭିଲା ଓ ମହିଷାଳୀ ଗ୍ରାମ ପାଇଁ ୫ ବର୍ଷ ଧରି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ସରକାରଙ୍କ ବସୁଧା ଯୋଜନା ଦିଗହରା ହୋଇଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲି ନୀତି ଓ ମନମୁଖୀ କାର୍ଯ୍ୟ ଯୋଗୁ ପ୍ରକଳ୍ପ କାର୍ଯ୍ୟ ସରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଦେଖିବାକୁ ଆସିଥିବା ସୁପରଭାଇଜରଙ୍କୁ ରବିବାର ଗାଁ ଲୋକେ ଅଟକ ରଖିଥିଲେ। ପାନୀୟ ଜଳ ଅଭାବରେ ଅତିଷ୍ଠ ଦୁଇ ଗାଁର ମହିଳା, ପୁରୁଷ ନିର୍ମାଣାଧୀନ ପାଣି ଟାଙ୍କିଠାରେ ଆନ୍ଦୋଳନ କରି ଖୁବ୍ ଶୀଘ୍ର ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ।

ସୂଚନା ଅନୁଯାୟୀ, ପାରଭିଲା ଓ ମହିଷାଳୀ ଗ୍ରାମ ପାଇଁ ବସୁଧା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟାଦେଶ ହୋଇଥିଲା। ଟେଣ୍ଡର ମୁତାବକ ୨୦୧୯-୨୦୨୦ରୁ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ୫ ବର୍ଷ ବିତିଯାଇଥିଲେ ହେଁ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଛି। ଫଳରେ ଏହି ଦୁଇ ଗ୍ରାମର ୨୫୦ରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ପୂର୍ବତନ ସରପଞ୍ଚ ଶୁଭେଶ ନାୟକ ଓ ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ନ ହେଲେ ପୁଣି ଆନ୍ଦୋଳନ ଜୋରଦାର ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।



ଆନ୍ଦୋଳନରେ ସାମିଲ ହୋଇଥିବା ଗ୍ରାମବାସୀ।

# ବିଜେଡିର ଯୁବ-ଛାତ୍ର ସମୀକ୍ଷା ବୈଠକ

ବାଲେଶ୍ୱର,୭।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଓଟି ରୋଡ୍‌ସ୍ଥିତ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ କାର୍ଯ୍ୟାଳୟରେ ବିଜେଡିର ଯୁବ-ଛାତ୍ର ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ବୈଠକକୁ ଛାତ୍ର ଜନତା ଜିଲା ସଭାପତି ସିମନ ଦାସ ମହାପାତ୍ର ସଞ୍ଚାଳନ କରିଥିଲେ।

ପୂର୍ବତନ ଏମ୍‌ପି ଜେନା ଯୋଗଦେଇ ୨୦୨୪ ନିର୍ବାଚନ ପରେ ବିଜେଡି ବିରୋଧୀ ଦଳର ଭୂମିକା ଗ୍ରହଣ କରିଛି। ଆଗାମୀ ଦିନରେ କିଭଳି ସଂଗଠନ ଲୋକଙ୍କ ସେବାରେ ପୂର୍ବଭଳି ନିୟୋଜିତ ହେବ, ଯୁବକମାନଙ୍କୁ ଏକଜୁଟ କରି ବିଭିନ୍ନ ସମସ୍ୟାର ସମାଧାନ କରାଯିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଶେଷ କରି ଛାତ୍ରନେତାଙ୍କ ଦ୍ୱାରା ହେଉଥିବା ରକ୍ତଦାନ ଶିବିର, ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ସେବା, ଜିଲାରେ ଲକ୍ଷାଧିକ ଚାରାରୋପଣ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ମ୍ୟୁନିସିପାଲିଟି ଅଧ୍ୟକ୍ଷାଙ୍କ ପ୍ରତିନିଧି ଯୁବନେତା ଭାଗବତ ସାହୁ, ଜିଲା ଉପ-ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, କୃଷକ ସଭାପତି ଅଜୟ

**ରକ୍ତଦାନ ଶିବିର, ରୋଗୀ ସେବା ଓ ଚାରାରୋପଣ ଉପରେ ଗୁରୁତ୍ୱ**

ସାମଲ, କାଉନସିଲର ସଞ୍ଜୀବ ଦାସ, ଯୁବନେତା ଅସିତ ଦାସ, ଶ୍ରମିକ ନେତା ଶାନ୍ତନୁ ଦାସ, ମହିଳା ନେତ୍ରୀ ରୋଜି ପଟ୍ଟନାୟକ, ଜୟନ୍ତୀ ଦତ୍ତ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଓମ୍‌ପ୍ରକାଶ ମହାପାତ୍ର, ଟାଉନ ଛାତ୍ର ସଭାପତି ଭବାନୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଚିନ୍ମୟ ମହାନ୍ତି, ଜିଲା କମିଟି ସଦସ୍ୟ ଓ ଟାଉନ ସଦସ୍ୟ ଉପସ୍ଥିତ ଥିବାବେଳେ ବହୁ ଯୁବନେତା ଯୋଗ ଦେଇଥିଲେ।

# ଚକ ଫାଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ବୈଶିଙ୍ଗା,୭।୭ (ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ୧୮ ନଂ. ଜାତୀୟ ରାଜପଥରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍‌ଟି କଟକରୁ ସିମେଣ୍ଟ ବୋଝେଇ କରି ବାରିପଦାକୁ ଯାଉଥିବା ବେଳେ ରବିବାର ଭୋର ସମୟରେ ଆଗ୍ରିଆ ଛକ ନିକଟସ୍ଥ ବଡ଼ପୋଲ ଉପରେ ହଠାତ୍ ସାମ୍ନା ପାଖ ଚକ ଫାଟିଯାଇଥିଲା। ଫଳରେ ଟ୍ରକ୍‌ଟି ରାସ୍ତାପାର୍ଶ୍ୱ ଲୁହା ବ୍ୟାରିକେଡ୍ ଭାଙ୍ଗି ତଳକୁ ଖସି ପଡ଼ିଥିଲା। ଟ୍ରକ୍‌ର ଏକ୍ସିଲ ଭାଙ୍ଗି ଚକ ସବୁ ବାହାରି ଯାଇଥିଲା। ଟ୍ରକ୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ ବାଲେଶ୍ୱର ଅଞ୍ଚଳର ମହେଶ୍ୱର ବେହେରା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ଯୋଗୁ ବହୁ ସମୟ ଧରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବୈଶିଙ୍ଗା ପୋଲିସ ଓ ଜାତୀୟ ରାଜପଥ କର୍ମଚାରୀ ପହଞ୍ଚି ଟ୍ରକ ଚାଳକଙ୍କୁ ଉଦ୍ଧାର କରିବା ସହ ରାସ୍ତା ଉପରୁ ଗାଡ଼ି ହଟାଇ ଯାତାୟାତ ସ୍ୱାଭାବିକ କରିଥିଲେ।



# ଭାବବିହ୍ୱଳ ହେଲେ ଭକ୍ତ



ବାଙ୍ଗିରିପୋଷି,୭।୭ (ସଞ୍ଜୟ କୁମାର ଅଗ୍ରୱାଲା)

ରଥ ଉପରେ ତିନିଠାକୁରଙ୍କ ଅପୂର୍ବ ଦର୍ଶନ ପାଇଛନ୍ତି ଭକ୍ତ। ରବିବାର ରଥରେ ଚଢ଼ି ତିନିଠାକୁର ମାଉସୀମା ଘରକୁ ଯାଇଛନ୍ତି। ରଥଯାତ୍ରା ଅବସରରେ ବାଙ୍ଗିରିପୋଷି ବ୍ୟାଙ୍କ ଛକଠାରୁ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରବଳ ଜନ ସମାଗମ ହୋଇଥିଲା। ଭକ୍ତଙ୍କ ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଚଳିତବର୍ଷ ବାଙ୍ଗିରିପୋଷି ରଥଦାଣ୍ଡରେ ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ଅପରାହ୍ନରେ ପାଗ ଅନୁକୂଳ ଯୋଗୁ ପ୍ରାୟ ୧୫ ହଜାର ଭକ୍ତ ରଥଟଣାରେ ସାମିଲ ହୋଇଥିଲେ। ଅପରାହ୍ନ ୪ଟାରେ ତିନିଠାକୁର ଓ ସୁଦର୍ଶନଙ୍କୁ ପାରମ୍ପରିକ ଦେବନୀତି ସମାପନ ପରେ ପହଣ୍ଡି କରାଯାଇ ରଥ ଉପରକୁ ନିଆଯାଇଥିଲା। ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଚଳିତ ପ୍ରଥା ଅନୁଯାୟୀ ରବିବାର ରଥକୁ ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିର ପର୍ଯ୍ୟନ୍ତ ଟଣାଯାଇଛି। ବାଙ୍ଗିରିପୋଷି ପୋଲିସ ପ୍ରଶାସନ ସହ ଦମକଳ ବାହିନୀ, ଜଳ ଓ ପରିମଳ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ପକ୍ଷରୁ ବ୍ୟବସ୍ଥା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଝରକା ଗ୍ରୀଲ ଭାଙ୍ଗି ସୁନାଗହଣା ନେଇଗଲେ

ହାଟଡ଼ିହୀ,୭।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଗୋପ ଗ୍ରାମରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଗ୍ରାମର ଅବସରପ୍ରାପ୍ତ ତହସିଲ କର୍ମଚାରୀ ଯତୀନ୍ଦ୍ର ବୈଠାଙ୍କ ଘରର ଝରକା ଗ୍ରୀଲ ତାଡ଼ି ଦୁର୍ବୃତ୍ତ ସୁନାଗହଣା ନେଇଯାଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲ(ନଂ ୨୧୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଯତୀନ୍ଦ୍ରଙ୍କ ପରିବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ଝରକାର ଗ୍ରୀଲ ତାଡ଼ି ଘରେ ପଶିଥିଲେ। ଅନ୍ୟ ଏକ କୋଠରୀରେ ଥିବା ସୁନାଗହଣା ଏବଂ ଟଙ୍କା ନେଇଯାଇଥିଲେ। ଘର ଭିତର ପଟୁ କବାଟ ଦେଇ ଲୁଟ୍‌ପାଟ କରି ଫେରାର ହୋଇଯାଇଥିଲେ। ଝିଅ ବାହାଘର ପାଇଁ ଆଗୁଆ କିଣି ରଖିଥିବା ରାଣୀହାର ୧ ଟା, ନେକଲେସ ୨ଟା, ସୁନା ବଳା ୧ ହଳ, ସୁନା କାନଫୁଲ ୩ ହଳ, ସୁନା ଚେନ ୧ ଟା, ସୁନା ମୁଦି ୩ ଟା ଆଦି ପ୍ରାୟ ୧୦ ଲକ୍ଷ ଟଙ୍କାର ଅଳଙ୍କାର ଓ ୧୦ ହଜାର ଟଙ୍କା ଦୁର୍ବୃତ୍ତ ନେଇଯାଇଥିଲେ। ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

# ବିଷ ଦେଇ ୧୬ ଛେଳି ମାରିଦେଲେ

ରାମଚନ୍ଦ୍ରପୁର,୭।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ବଡ଼କଇଁଆ ସାହିରେ ୧୬ ଛେଳିକୁ ବିଷ ଦେଇ ମାରି ଦେଇଥିବା ଅଭିଯୋଗ ହୋଇଛି। ଛେଳି ମାଲିକ ସୁକାନ୍ତୀ ଦେହୁରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୁକାନ୍ତୀଙ୍କ ସ୍ୱାମୀ ବାବାଜୀ ଦେହୁରୀ (୫୫)ଙ୍କ ୯ ଦିନ ପୂର୍ବେ ମୃତ୍ୟୁ ଘଟିଥିଲା। ପରିବାର ଦୁଃଖରେ ଥିବା ବେଳେ ରବିବାର ସୁକାନ୍ତୀଙ୍କ ପୁଅ ରେମ୍ବାଳ ନଦୀ ପଠାକୁ ଛେଳି ଚରାଇବାକୁ ନେଇଥିଲେ। ମଧ୍ୟାହ୍ନ ୧ଟା ସମୟରେ ଗୋଟାଏ ପରେ ଗୋଟାଏ ଛେଳି ମୃତ୍ୟୁ ହେବା ପରେ ଭୟରେ ମା' ସୁକାନ୍ତିକୁ ଜଣାଇଥିଲେ। ଦେଖୁ ଦେଖୁ ୧୬ଟି ଛେଳି ମରିଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜନୈକ ବ୍ୟକ୍ତି ନଦୀ ପଠାରେ ବିଷ ପକାଇଥିବାରୁ ଛେଳିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ଡ଼. ଶମ୍ଭୁନାଥ ରାଉତ ପହଞ୍ଚି ସୁକାନ୍ତୀଙ୍କ ପରିବାରକୁ ସମବେଦନା ଜଣାଇବା ସହ ପୋଲିସ ତଦନ୍ତ କରି ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ସହଯୋଗର ହାତ ବଢ଼ାଇଥିଲେ। ଘଷିପୁରା ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ଏସ୍‌ଆଇ ସାଗରିକା ମାହାନ୍ତି, ଆନନ୍ଦପୁର ପ୍ରାଣୀଚିକିତ୍ସା ଅଧିକାରୀ ଏସଡିଭିଓ ଡ଼ ନକୁଳ ଚରଣ ନାୟକ, ବ୍ଲକ୍ ଭେଟନାରୀ ଅଫିସର୍ ସରୋଜ ମାହାନ୍ତି, ଦେଓଗାଁ ଭିଏସ୍ ଡ. ଶିବ ପ୍ରାସାଦ ନାୟକଙ୍କ ସହ ପହଞ୍ଚି ମୃତଛେଳିର ବ୍ୟବଚ୍ଛେଦ କରାଇଛନ୍ତି। ଏକ ମାମଲା(ନଂ. ୨୮୩/୨୪) ରୁଜୁ ହୋଇ ତଦନ୍ତ ଚାଲିଛି।

# କାମ କରୁନି ଅଧା ସିସି କ୍ୟାମେରା

ଚମ୍ପୁଆ,୭।୭(ମହେଶ୍ୱର ଦାସ)

## ଚମ୍ପୁଆ ସହରାଞ୍ଚଳ

କେନ୍ଦୁଝର ଚମ୍ପୁଆ ସହର ବର୍ତ୍ତମାନ ସିସିଟିଭି ଅଧୀନରେ ରହିଛି। ଏହାଦ୍ୱାରା ଅସାମାଜିକ କାର୍ଯ୍ୟକଳାପକୁ ମୁକାବିଲା କରାଯାଉଥିବା କୁହାଯାଉଛି। ମାତ୍ର ଏହା କାର୍ଯ୍ୟକ୍ଷମ ହେବାର ଦେଢ଼ମାସ ମଧ୍ୟରେ ଅଧାରୁ ଅଧିକ କାମ କରୁନି। ଯେଉଁ କ୍ୟାମେରା ଚାଲୁଛି ତାହା ମଧ୍ୟରୁ ଅନେକରେ ରେକର୍ଡିଂ ହେଉନାହିଁ ବୋଲି ଚମ୍ପୁଆ ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁସାରେ, ଚମ୍ପୁଆ ସହରର ରାମଲା, ପାଞ୍ଚପୋଖରିଆ, ବସ୍‌ଷ୍ଟାଣ୍ଡ, ବର୍ଡର ନାକା ପୋଷ୍ଟ, ଗାନ୍ଧୀ ଛକ, ଶିବମନ୍ଦିର ପଡିଆ ଓ ମୁଖ୍ୟ ବଜାରରେ ଚମ୍ପୁଆ ଏନ୍‌ଏସି ପକ୍ଷରୁ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ୩୬ ସିସି କ୍ୟାମେରା ଲଗାଯାଇଛି। କ୍ୟାମେରାଗୁଡ଼ିକର ଦାୟିତ୍ୱ ଚମ୍ପୁଆ ପୋଲିସ ହାତରେ ରହିଛି। କ୍ୟାମେରା ମାଧ୍ୟମରେ ବାହାରୁ ସହରକୁ ପ୍ରବେଶ କରୁଥିବା ଏବଂ ସହରରୁ ବାହାରକୁ ଯାଉଥିବା ଗାଡ଼ିଠାରୁ ଆରମ୍ଭ କରି ଅସାମାଜିକଙ୍କ ଉପରେ ନଜର ରଖାଯାଇପାରୁଥିଲା। ବର୍ତ୍ତମାନ ବର୍ଡର ଛକ, ସାତକୁଣ୍ଡିଆ ଛକ, ରାମଲା, ଶିରପୁର ଆଦି ଅଞ୍ଚଳରେ ଲାଗିଥିବା କ୍ୟାମେରା ଅନେକ ସମୟରେ ଆପେବନ୍ଦ ହୋଇଯାଉଛି ବୋଲି ଆଇଆଇସି ଦେବକି ନାଏକ କହିଛନ୍ତି। ବିଭିନ୍ନ ଅସାମାଜିକ କାର୍ଯ୍ୟର ତଦନ୍ତ ପାଇଁ ଦୋକାନରେ ଥିବା କ୍ୟାମେରାର ସହାୟତା ଲୋଡ଼ାଯାଉଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ କହିଛନ୍ତି, ଅଚଳ କ୍ୟାମେରାଗୁଡ଼ିକୁ ତୁରନ୍ତ ପ୍ରଦାନକାରୀ ସଂସ୍ଥା ମାଧ୍ୟମରେ ମରାମତି କରାଯିବ।

